# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 11th September – 2026

***********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ଶିଳ୍ପ ବିକାଶର ପରବର୍ତ୍ତୀ ପର୍ଯ୍ୟାୟରେ ସଂଯୁକ୍ତ ଆରବ ଏମିରେଟ୍‌ସର ନିବେଶକଙ୍କୁ ସହଭାଗୀ ହେବାପାଇଁ ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣ ।

- ରାଜ୍ୟରେ ପରିବେଶ ଅନୁକୂଳ ଓ ସ୍ଥାୟୀ ବିଦ୍ୟୁତ୍ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି ସରକାର ।

- ରାଜସ୍ୱ ପର୍ଷଦଙ୍କ ଭିତ୍ତିଭୂମି ସୁଦୃଢ଼ୀକରଣ ଓ ମାମଲାର ତ୍ୱରିତ ସମାଧାନପାଇଁ ପଦକ୍ଷେପ ନିଆଯାଉଛି; କହିଲେ ରାଜସ୍ୱ ମନ୍ତ୍ରୀ ।

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ।

# ମୁଖ୍ୟମନ୍ତ୍ରୀ - ୟୁ.ଏ.ଇ.

ଓଡ଼ିଶାର ଶିଳ୍ପବିକାଶର ପରବର୍ତ୍ତୀ ପର୍ଯ୍ୟାୟରେ ସଂଯୁକ୍ତ ଆରବ ଏମିରେଟ୍‌ସ୍-ୟୁ.ଏ.ଇ.ର ନିବେଶକମାନଙ୍କୁ ସହଭାଗୀ ହେବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆମନ୍ତ୍ରଣ କରିଛନ୍ତି । ଦୁବାଇରେ ଆୟୋଜିତ ଓଡ଼ିଶା ନିବେଶକ ସମ୍ମିଳନୀରେ ପ୍ରାୟ ୪ ଶହ ବ୍ୟବସାୟୀ, ନିବେଶକ ଓ ୟୁ.ଏ.ଇ. ବ୍ୟାବସାୟିକ ସମୁଦାୟର ପ୍ରତିନିଧି ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏହି ଅବସରରେ ରାଜ୍ୟର ପ୍ରାକୃତିକ ସମ୍ପଦ, ପ୍ରତିଯୋଗିତାମୂଳକ ଶକ୍ତି, ବନ୍ଦର, ଶିଳ୍ପ ଭିତ୍ତିଭୂମି, ଦକ୍ଷ ମାନବସମ୍ବଳ ଓ ନିବେଶ ଅନୁକୂଳ ପରିବେଶକୁ ନିବେଶକଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ସମ୍ମିଳନୀରେ ଏଲ୍.ଏନ୍.ଜି. ଷ୍ଟୋରେଜ୍, ସବୁଜ ଶକ୍ତି, କୃତ୍ରିମ ବୁଦ୍ଧିମତ୍ତା ଡାଟା ସେଣ୍ଟର, ବିରଳ ମୃତ୍ତିକା, ଜାହାଜ ମରାମତି, ସାର ଓ ରସାୟନ ଏବଂ ଗୃହନିର୍ମାଣ ଭଳି କ୍ଷେତ୍ରରେ ନିବେଶ ସୁଯୋଗ ଉପରେ ଆଲୋଚନା ହୋଇଥିଲେ । ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟ ସରକାରଙ୍କ ତ୍ୱରିତ ନିଷ୍ପତ୍ତି ଓ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ ।

***Voice (S.C. Swain)*** :......

ଦୁବାଇ ରୋଡ୍‌ଶୋ'ରେ ଓଡ଼ିଶା-ୟୁ.ଏ.ଇ. ଆର୍ଥିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ରାଜ୍ୟରେ ପୁଞ୍ଜି, ପ୍ରଯୁକ୍ତି, ଶିଳ୍ପ ଓ ନିଯୁକ୍ତି ସୃଷ୍ଟିପାଇଁ ନୂଆ ସୁଯୋଗ ସୃଷ୍ଟି କରିଛି ।

***Desk***

# ଜଳବିଦ୍ୟୁତ୍ ପ୍ରକଳ୍ପ ସମ୍ମିଳନୀ

ଭୁବନେଶ୍ୱରଠାରେ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ବିକାଶ ଯୋଜନାର ସମ୍ପର୍କିତ ଅଂଶୀଦାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ରାଜ୍ୟରେ ପରିବେଶ ଅନୁକୂଳ ଓ ସ୍ଥାୟୀ ବିଦ୍ୟୁତ୍ ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସବୁଜ ଓ ନବୀକରଣୀୟ ଶକ୍ତିର ବିକାଶ ସହ କ୍ଷୁଦ୍ର ଜଳବିଦ୍ୟୁତ୍ କ୍ଷେତ୍ରରେ ନୂତନ ପୁଞ୍ଜିନିବେଶ ଆଣିବାପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

***Voice (K.B. Singhdeo)** :……*

***BBSR/R***

# ପୁଲିସ ସେବା

ରାଜ୍ୟରେ ପୁଲିସ ସେବା ବ୍ୟବସ୍ଥାକୁ ଅଧିକ ସରଳ, ଦ୍ରୁତ, ସ୍ୱଚ୍ଛ, ନାଗରିକକେନ୍ଦ୍ରିକ ଓ ତ୍ୱରିତ ସେବା ଯୋଗାଇଦେବା ଲକ୍ଷ୍ୟରେ ଗୃହ ବିଭାଗର ୟୁନିଫାଏଡ୍ ପ୍ଲାଟ୍‌ଫର୍ମର ଓ.ଆର୍.ଟି.ପି.ଏସ୍.ଏ. ଅଧୀନରେ ୧୪ଟି ପୁଲିସ ନାଗରିକ ସେବାକୁ 'ଆମ ସାଥୀ ହ୍ୱାଟ୍‌ସଅପ୍ ବଟ୍'ରେ ସାମିଲ୍ କରାଯାଇଛି ।

ଏହାମାଧ୍ୟମରେ ବିଭିନ୍ନ ସରକାରୀ ସେବାକୁ ସହଜରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି । ଷ୍ଟେଟ୍ କ୍ରାଇମ୍ ରେକର୍ଡ଼ସ ବ୍ୟୁରୋ ପକ୍ଷରୁ ଆବଶ୍ୟକ ବୈଷୟିକ ସମନ୍ୱୟ ସମ୍ପୂର୍ଣ୍ଣ କରାଯାଇଛି । ନାଗରିକମାନେ ଏହି ବ୍ୟବସ୍ଥା ମାଧ୍ୟମରେ ଘରେ ରହି ଆବଶ୍ୟକ ପୁଲିସ୍ ସେବାପାଇଁ ଆବେଦନ କରିପାରିବେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସ୍.ଏସ୍.ସି.ଆର୍.ବି. ନିର୍ଦ୍ଦେଶକ ଅବିନାଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୟ କୁମାର ଓ ପୁଲିସ୍ କମିଶନର ଡକ୍ଟର ଏସ୍. ଦେବଦତ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

***BBSR/R***

## ଶିକ୍ଷକ ତାଲିମ୍ କାର୍ଯ୍ୟକ୍ରମ

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟଦ୍ୱାରା ଆୟୋଜିତ ଇତିହାସର ନବନିଯୁକ୍ତ ସ୍ନାତକୋତ୍ତର ଶିକ୍ଷକମାନଙ୍କପାଇଁ ପାଞ୍ଚଦିନିଆ ତାଲିମ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି । ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ୧୨୦ ଜଣ ପି.ଜି.ଟି. ଶିକ୍ଷକ ଅଂଶଗ୍ରହଣ କରିଥିଲେ । ତାଲିମ କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷାନୀତି-୨୦୨୦, ଆଇ.ସି.ଟି., ଓଡ଼ିଆ ଶିକ୍ଷା ନିୟମ, ସାମ୍ସ ଏବଂ ଶିକ୍ଷାଜ୍ୟୋତି ପୋର୍ଟାଲ୍, ପୋସ୍ ଆଇନ, ଛାତ୍ରବୃତ୍ତି, ପ୍ରଶାସନିକ ଦାୟିତ୍ୱ, ପରୀକ୍ଷା ଏବଂ ମୂଲ୍ୟାୟନ ଯୋଜନା ଆଦି

ସମ୍ପର୍କରେ ତାଲିମ୍ ଦିଆଯାଇଥିଲା । ପରବର୍ତ୍ତୀ ତାଲିମ୍ କାର୍ଯ୍ୟକ୍ରମ ଆସନ୍ତା ୨୧ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

***Ganjam/R***

## ପ୍ରକଳ୍ପ ସମୀକ୍ଷା

ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଆଜି ଗଞ୍ଜାମ ଜିଲ୍ଲାକୁ ଦିନିକିଆ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି । ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

## ରାଜସ୍ୱ ପର୍ଷଦ

ରାଜସ୍ୱ ପ୍ରଶାସନକୁ ଅଧିକ ସ୍ୱଚ୍ଛ, ସୁଗମ, ସୁସଙ୍ଗଠିତ ଓ ନାଗରିକମୁଖୀ କରିବା ଦିଗରେ ଉଲ୍ଲେଖନୀୟ ପଦକ୍ଷେପସ୍ୱରୂପ ଆଜି ରାଜସ୍ୱ ପର୍ଷଦ ଓଡ଼ିଶାର ନୂତନ ୱେବ୍‌ସାଇଟ୍ ଓ ତ୍ରୟମାସିକ ପତ୍ରିକାକୁ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ରାଜସ୍ୱ ପ୍ରଶାସିନରେ ପ୍ରଯୁକ୍ତି, ସୂଚନା ଓ ନ୍ୟାୟିକ ଜ୍ଞାନକୁ ଅଧିକ ବ୍ୟାପକ

ଭାବେ ଉପଲବ୍ଧ କରାଇବାରେ ଏହା ସହାୟକ ହେବ । ଆଗାମୀ ଦିନରେ ରାଜସ୍ୱ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ତଥା ଜମିଜମା ସମ୍ବନ୍ଧୀୟ ମାମଲାଗୁଡ଼ିକର ତ୍ୱରିତ ସମାଧାନପାଇଁ ରାଜସ୍ୱ ପର୍ଷଦଙ୍କ ଆବଶ୍ୟକ ଭିତ୍ତିଭୂମି ସୁଦୃଢ଼ୀକରଣ ଓ ପର୍ଯ୍ୟାପ୍ତ ମାନବସମ୍ବଳ ବ୍ୟବସ୍ଥା ଉପରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଥିଲେ । ନୂତନ ପ୍ରକାଶିତ ପତ୍ରିକାକୁ ଅଧ୍ୟୟନ କରି ରାଜସ୍ୱ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ପତ୍ରିକାରେ ରାଜସ୍ୱ ଆଇନ, ଜମିଜମା ବିବାଦ, ରେକର୍ଡ଼ ସଂଶୋଧନ, ଜମିର କିସମ, ପଟ୍ଟା, ଦଖଲ, ମ୍ୟୁଟେସନ୍, ଲିଜ୍, ସରକାରୀ ଜମି ଏବଂ ଅନ୍ୟାନ୍ୟ ଜଟିଳ ରାଜସ୍ୱ ପ୍ରସଙ୍ଗ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ ସ୍ଥାନ ପାଇବ ।

***Balangiri/R***

## ଉନ୍ନୟନ କମିଟି ବୈଠକ

ବଲାଙ୍ଗିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଲୋଇସିଂହା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଅଧ୍ୟକ୍ଷତା କରି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ସମୀକ୍ଷା କରିଥିଲେ ।

*Malkangiri/R*

# ଉନ୍ନୟନ ଯୋଜନା ସମୀକ୍ଷା ବୈଠକ

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ନିର୍ବାଚନମଣ୍ଡଳୀ ଉନ୍ନୟନ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠି ଏବଂ ଆଦର୍ଶ ଗ୍ରାମ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଏକ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାୟକ ନରସିଂହ ମାଡ଼କାମୀ ଅଧ୍ୟକ୍ଷତା କରି ବିଭିନ୍ନ ଯୋଜନାର ସାମ୍ପ୍ରତିକ ସ୍ଥିତି, କାର୍ଯ୍ୟକାରିତା ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ।

*Nayagada/R*

# ବିଦ୍ୟୁତ୍ ଭିତ୍ତିଭୂମି

ନୟାଗଡ଼ ଜିଲ୍ଲାର ବିଦ୍ୟୁତ୍ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଏବଂ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇଦେବା ନେଇ ଜିଲ୍ଲା ବିଦ୍ୟୁତ୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା, ଉପଭୋକ୍ତାଙ୍କ ସମସ୍ୟା, ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତି ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା ।

*Nayagarh/R*

# ସଡ଼କ ସୁରକ୍ଷା

ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ଏବଂ ଜାତୀୟ ରାଜପଥ ସୁରକ୍ଷା କାର୍ଯ୍ୟାନୁଷ୍ଠାନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ମଧୁମିତା ରଥ ଅଧ୍ୟକ୍ଷତା କରି ସଡ଼କ ଦୁର୍ଘଟଣାର ବିଭିନ୍ନ କାରଣ ଏବଂ ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ ।

*Jajpur/R*

# ସି.ଆର୍.ସି.ସି.

ଯାଜପୁର ଜିଲ୍ଲାସ୍ଥିତ ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ସମଗ୍ର ଶିକ୍ଷା ଅଧୀନରେ କାର୍ଯ୍ୟରତ ସି.ଆର୍.ସି.ସି.ମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ସହ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇ ଜିଲ୍ଲାର ସମସ୍ତ ୧୫୨ଟି କ୍ଲଷ୍ଟରରେ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଉପରେ ଆଲୋଚନା କରିଥିଲେ ।

*Puri/R*

# ସପ୍ତପୁରୀ ଅମାବାସ୍ୟା

ପୁରୀ ଶ୍ରୀମନ୍ଦିରରେ ଆଜି ଭାଦ୍ରବ ମାସ ଅମାବାସ୍ୟା ତିଥିରେ ମହାପ୍ରଭୁ ଜଗନ୍ନାଥଙ୍କୁ ସପ୍ତପୁରୀ ଭୋଗ ଲାଗି ହୋଇଛି । ଏ ନେଇ ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଛି । ସେବାୟତଙ୍କ ଦ୍ୱାରା ଏକ ବଡ଼ ସପ୍ତପୁରୀ ପ୍ରସ୍ତୁତ କରାଯାଇ ଶ୍ରୀଜୀଉମାନଙ୍କୁ ଭୋଗ ଲାଗି ହୋଇଛି । ଏହାକୁ ସପ୍ତପୁରୀ ତାଡ଼ କୁହାଯାଇଥାଏ ।

ଆଜି ଅବକାଶ ନୀତି ବଢ଼ିବା ପରେ ତିନି ବାଡ଼ରେ ବେଶ ହୋଇଥିଲା । ତଡ଼ାଉ ଛଅମୂର୍ତ୍ତି ଲାଗି ହେବା ପରେ ଗୋପାଳ ବଲ୍ଲଭ ସଂପନ୍ନ ହୋଇଥିଲା । ଶଙ୍ଖ, ଚକ୍ର, ହଳ, ମୂଷଳ, ଦଡ଼କି ପିଠା ଉପରେ ପ୍ରସ୍ତୁତ ହୋଇଥିଲା । ମୋଦିରସ୍ତ ପ୍ରସ୍ତାବ ଲାଗି କରିବା ପରେ ପଣ୍ଡା ଷୋଡ଼ଶ ଉପଚାରରେ ମଣୋହି କରିଥିଲେ । ଆଜି ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କ ବିଜେ ପ୍ରତିମା ଶ୍ରୀ ନାରାୟଣ ସାଗର ବିଜେ କରିଛନ୍ତି । ସନ୍ଧ୍ୟାଧୂପ ପରେ ବସ୍ତ୍ରହରଣ ପ୍ରସ୍ତାବ ଅନୁଷ୍ଠିତ ହେବ । ସେହିପରି ଆସନ୍ତାକାଲି ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ଅନୁଷ୍ଠିତ ହେବ ।

***Kendrapada/R***

## ତୁଳସୀକ୍ଷେତ୍ର – ସପ୍ତପୁରୀ

କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ଆରାଧ୍ୟଦେବତା ଶ୍ରୀବଳଦେବଜିଉ ମନ୍ଦିରରେ ଆଜି ସପ୍ତପୁରୀ ଅମାବାସ୍ୟା ଦେବନୀତି ପାଳିତ ହୋଇଯାଇଛି । ଏହି ଅବସରରେ ମହାପ୍ରଭୁ ନିଜର ସପ୍ତପିତୃକାଙ୍କୁ ସ୍ମରଣ କରିଛନ୍ତି । ପାରମ୍ପରିକ ନୀତି ଅନୁସାରେ ମନ୍ଦିରରେ ସାତପ୍ରକାର ବ୍ୟଞ୍ଜନରେ ପ୍ରସ୍ତୁତ ସପ୍ତପୁରୀ ଭୋଗ ମହାପ୍ରଭୁ ଏବଂ ସପ୍ତପିତୃକାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥାଏ । ସକାଳଧୂପ ଶେଷ ହେବା ପରେ ଗୁଡ଼ିଆ ବ୍ରାହ୍ମଣଙ୍କଦ୍ୱାରା ଏହି ସ୍ୱତନ୍ତ୍ର ଭୋଗ ରୋଷଘରେ ପ୍ରସ୍ତୁତ କରାଯାଇଥାଏ । ପିତୃପୁରୁଷଙ୍କୁ ପିଣ୍ଡଦାନ କରାଯିବାର ବିଧି ଆଜିଠାରୁ ଆରମ୍ଭ ହୋଇ ମହାଳୟା ପର୍ଯ୍ୟନ୍ତ ଚାଲିଥାଏ ବୋଲି ବିଶ୍ୱାସ ରହିଛି ।

***Nayagada/R***

## ନୀଳମାଧବ – ସପ୍ତପୁରୀ

ନୟାଗଡ଼ସ୍ଥିତ କଣ୍ଟିଲୋ ଶ୍ରୀନୀଳମାଧବଜିଉଙ୍କ ମନ୍ଦିରରେ ଆଜି ସପ୍ତପୁରୀ ଅମାମାସ୍ୟା ଅବସରରେ ସ୍ୱତନ୍ତ୍ର ଦେବନୀତି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳ ଧୂପ ଶେଷ ହେବା ପରେ ମନ୍ଦିର ରୋଷଘରେ ପ୍ରସ୍ତୁତ ସପ୍ତପୁରୀ ଭୋଗ ଲାଗି ହୋଇଥିଲା ।

***Boudh/R***

# ପୁରାଉଆଁସ ଉତ୍ସବ

ବୌଦ୍ଧ ଜିଲ୍ଲା ପୁରପଲ୍ଲୀରେ ପାରମ୍ପରିକ ପର୍ବ ପୁରାଉଆଁସ ଏବଂ ଲଙ୍କାପୋଡ଼ି ଉତ୍ସବ ପାଳିତ ହୋଇଯାଇଛି । ସପ୍ତପୁରୀ ଅମାବାସ୍ୟା ଅବସରରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ପରେ ଏହି ପର୍ବ ପାଳନ କରାଯାଇଥାଏ । ସେହିପରି ବୌଦ୍ଧର ଇଷ୍ଟଦେବୀ ମା' ଭୈରବୀଙ୍କ ପୀଠରେ ସପ୍ତପୁରୀ ଅମାବାସ୍ୟା ଅବସରରେ ପାରମ୍ପରିକ ରୀତିନୀତି ଅନୁସାରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହେଉଛି ।

***Subarnapur/R***

# ଲଙ୍କାପୋଡ଼ି

ସୁବର୍ଣ୍ଣପୁର ଜିଲ୍ଲାରେ ସପ୍ତପୁରୀ ଅମାବାସ୍ୟା ଅବସରରେ ଲୋକପର୍ବ ଲଙ୍କାପୋଡ଼ି ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସନ୍ଧ୍ୟାରେ ବିରଳ କଳାକୃତି ଟେରାକୋଟାରେ ପ୍ରସ୍ତୁତ ହନୁମାନ ଲାଙ୍ଗୁଡ଼ରେ ଅଗ୍ନି ସଂଯୋଗକରି ଶିଶୁମାନେ ସହରର ବିଭିନ୍ନ ସ୍ଥାନରେ ଖେଳିବାର ପରମ୍ପରା ରହିଛି ।

*Met. O.*

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏଥିସହିତ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

******